# NATIONAL NEWS BULLETIN (ODIA)
## 17th May - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର କରିଛନ୍ତି ।

- ଓଡ଼ିଶାର ରାଉରକେଲାଠାରେ ବି.ଜେ.ପି.ର ବରିଷ୍ଠ ନେତା ଅମିତ୍ ଶାହା ଏକ ଜନସଭାକୁ ସମ୍ବୋଧନ କରିଛନ୍ତି ।

- ଜମ୍ମୁ-ଶ୍ରୀନଗର ୪୪ ନମ୍ବର ଜାତୀୟ ରାଜପଥର କାଜୁଗୁଣ୍ଡଠାରେ ଏ.ଆଇ. ଉପରେ ଆଧାରିତ ଫେସିଆଲ୍ ରେକଗ୍ନିସନ୍ ସିଷ୍ଟମ୍ ଆରମ୍ଭ ହୋଇଛି ।

- ଫ୍ରାନ୍ସରେ ଚାଲିଥିବା ୭୭ତମ କ୍ୟାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ୫୫ତମ ଭାରତ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ପୋଷ୍ଟର ଆନୁଷ୍ଠାନିକ ଭାବେ ଉନ୍ମୋଚିତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

## ୟୁ.ପି. ର୍‍ୟାଲି - ପି.ଏମ୍.

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ବାରବାଙ୍କୀରେ ଏକ ରାଜନୈତିକ ରାଲିରେ ଟିଏମସି ଏବଂ ସମାଜବାଦୀ ପାର୍ଟି ମେଣ୍ଟକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସମାଜବାଦୀ ପାର୍ଟି ବର୍ତ୍ତମାନ ବଙ୍ଗଳାରେ ଆଶ୍ରୟ ନେଇଛି ଏବଂ ସେମାନଙ୍କ ରାଜନୈତିକ ମେଣ୍ଟ କେବଳ ଭୋଟ୍ ବ୍ୟାଙ୍କ ଏବଂ ତୁଷ୍ଟୀକରଣ ଉପରେ ପର୍ଯ୍ୟବସିତ । ଶ୍ରୀ ମୋଦି ଗତକାଲି ଭଦୋହିଠାରେ ଅନୁଷ୍ଠିତ ର୍‍ୟାଲିରେ ମଧ୍ୟ ଏହି ଉଭୟ ଦଳକୁ କଟୁ ସମାଲୋଚନା କରି କରିଥିଲେ ।

ଫତେହପୁର ଜିଲ୍ଲାର ଅନ୍ୟ ଏକ ରାଜନୈତିକ ର୍‍ୟାଲିରେ ବି.ଜେ.ପି.ର ବରିଷ୍ଠ ନେତା ଶ୍ରୀ ମୋଦି କହିଛନ୍ତି, ପୂର୍ବ ଶାସନ ସମୟରେ ଉତ୍ତର ପ୍ରଦେଶ ଅପରାଧ ଏବଂ ଦୁର୍ନୀତିର କେନ୍ଦ୍ରସ୍ଥଳ ଥିଲା; କିନ୍ତୁ ବର୍ତ୍ତମାନ ରାଜ୍ୟ ବିକାଶ କ୍ଷେତ୍ରରେ ଅଗ୍ରଣୀ ରହିଛି। ପ୍ରଧାନମନ୍ତ୍ରୀ ହମିରପୁର ନିର୍ବାଚନମଣ୍ଡଳୀରେ ଆଉ ଏକ ର୍‍ୟାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ସ୍ମୃତି ଇରାନୀଙ୍କ ବିପକ୍ଷରେ ନିର୍ବାଚନ ଲଢୁଥିବା ଆମେଠିରୁ କଂଗ୍ରେସ ପ୍ରାର୍ଥୀ କିଶୋରୀ ଲାଲ ଶର୍ମାଙ୍କ ସପକ୍ଷରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମିଳିତ ଭାବେ ପ୍ରଚାର କରୁଛନ୍ତି।

## ଅମିତ୍ ଶାହା - ଓଡ଼ିଶା

ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଓଡ଼ିଶାର ରାଉରକେଲାଠାରେ ଏକ ଜନସଭାକୁ ସମ୍ବୋଧନ କରିଛନ୍ତି । ପୁରୀ ଶ୍ରୀମନ୍ଦିରରେ ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଚାବି ହଜିବା ସମ୍ପର୍କିତ ତଦନ୍ତ କମିଶନ ରିପୋର୍ଟ ବିଷୟରେ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ବି.ଜେ.ପି. ଏଥର ଓଡ଼ିଶାରେ ୧୫ରୁ ଅଧିକ ଲୋକସଭା ଓ ୭୫ରୁ ଅଧିକ ବିଧାନସଭା ଆସନ ଜିତିବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଆଜି ମଧ୍ୟ ଭୁବନେଶ୍ୱରରେ ବି.ଜେ.ପି. ନେତ୍ରୀ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ହେମାମାଳିନୀ ନିର୍ବାଚନୀ ପ୍ରଚାର କରିଥବଲେ ।

# ଇ.ସି. - ଗଙ୍ଗୋପାଧ୍ୟାୟ

ପଶ୍ଚିମବଙ୍ଗର ତାମ୍‌ଲୁକରେ ବିଜେପି ଲୋକସଭା ପ୍ରାର୍ଥୀ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ନିର୍ବାଚନ କମିଶନ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । କମିଶନ କହିଛନ୍ତି, ଶ୍ରୀ ଗଙ୍ଗୋପାଧ୍ୟାୟଙ୍କ ମନ୍ତବ୍ୟ ଅନୁଚିତ, ବିବେକହୀନ । ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି ଜଣାପଡ଼ିଛି ।

ଶ୍ରୀ ଗଙ୍ଗୋପାଧ୍ୟାୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ ସୋମବାର ସନ୍ଧ୍ୟା ସୁଦ୍ଧା ନିର୍ବାଚନ କମିଶନ ଜବାବ ମାଗିଛନ୍ତି ।

ଗତ ବୁଧବାର ହଳଦିଆଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବା ବେଳେ ସୁଶ୍ରୀ ବାନାର୍ଜୀଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ତୃଣମୂଳ କଂଗ୍ରେସ ଅଭିଯୋଗ କରିଥିଲା ।

## କଂଗ୍ରେସ ବ୍ରିଫିଙ୍ଗ୍

କଂଗ୍ରେସ ଅଭିଯୋଗ କରିଛି, ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ନେଇ ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କରିଥିବା ଉଦ୍ୟମର କୌଣସି ପ୍ରଭାବ ଦେଖାଯାଉ ନାହିଁ। ଦିଲ୍ଲୀ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚନା ଦେଇ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଦିଲ୍ଲୀରେ ନିର୍ବାଚନ ହେଉଥିବା ସମୟରେ ପରିବେଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ବାୟୁ ପ୍ରଦୂଷଣରେ ଦିଲ୍ଲୀ ସହର ଶୀର୍ଷରେ ରହିଛି ବୋଲି ଶ୍ରୀ ରମେଶ ସମାଲୋଚନା କରିଛନ୍ତି । ରାସାୟନିକ ସଂକ୍ରମଣ, ଅରବଲ୍ଲୀ ଅଞ୍ଚଳରେ ଜଙ୍ଗଲ କ୍ଷୟ, ଦିଲ୍ଲୀର ଆଖପାଖ ଅଞ୍ଚଳରେ ଥିବା ଇଟାଭାଟି, ତାପଜ ବିଦ୍ୟୁତ୍ କେନ୍ଦ୍ର ଏବଂ ଯମୁନା ନଦୀରେ ସୃଷ୍ଟି ହେଉଥିବା ପ୍ରଦୂଷଣ ପ୍ରସଙ୍ଗରେ ଶ୍ରୀ ରମେଶ ପ୍ରଶ୍ନ ଉଠାଇଥିଲେ। ଚଳିତ ଲୋକସଭା ନିର୍ବାଚନରେ ଇଣ୍ଡି ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ସେ ଦାବି କରିଛନ୍ତି ।

## ଏସ୍.ସି. - କେଜରିଓ୍ୱାଲ୍

ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆବେଦନ ଉପରେ ଆଜି

ସୁପ୍ରିମ୍ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଏବଂ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ କଳାଧନ ବୈଧ କରାଯିବା ମାମଲାରେ ଗତ ମାର୍ଚ୍ଚ ୨୧ ତାରିଖରେ ଗିରଫ କରାଯାଇଥିଲା । ତେବେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କୁ ଲୋକସଭା ନିର୍ବାଚନରେ ପ୍ରଚାର ପାଇଁ ମଇ ୧୦ରୁ ଜୁନ୍ ପହିଲା ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଆସନ୍ତା ୨ ତାରିଖରେ ତାଙ୍କୁ ଆତ୍ମସମର୍ପଣ କରିବାପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

## ସୀତାରମଣ - କେଜରିୱାଲ୍

ଆପ୍ ସାଂସଦ ସ୍ୱାତୀ ମାଲିୱାଲଙ୍କୁ ଆକ୍ରମଣ ପ୍ରସଙ୍ଗରେ ଆପ୍ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନୀରବତାକୁ ନେଇ ବିଜେପିର ବରିଷ୍ଠ ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ସମାଲୋଚନା କରିଛନ୍ତି।

ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୀତାରମଣ କେଜ୍ରିୱାଲଙ୍କୁ ଏହି ପ୍ରସଙ୍ଗରେ କ୍ଷମା ମାଗିବାକୁ ଦାବି କରିଛନ୍ତି। ଏପରିକି ଜଣେ ମହିଳା ସାଂସଦ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ସୁରକ୍ଷିତ ନୁହଁନ୍ତି ବୋଲି ସେ

ଅଭିଯୋଗ କରିଛନ୍ତି । ନୂଆଦିଲ୍ଲୀର ଲୋକସଭା ପ୍ରାର୍ଥୀ ସୋମନାଥ ଭାରତୀଙ୍କ ସମେତ ଆପ୍‌ର ଅନେକ ନେତାଙ୍କ ବିରୋଧରେ ମହିଳାଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗକୁ ଉଦାହରଣ ଦେଇ ଆପ୍ ଏକ ମହିଳା ବିରୋଧୀ ଦଳ ବୋଲି ସୀତାରମଣ ଆକ୍ଷେପ କରିଛନ୍ତି ।

## ସି.ଆଇ.ଆଇ.  - କ୍ଲାଇମେଟ୍ ଫାଇନାନ୍ସିଙ୍ଗ୍

ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି କହିଛନ୍ତି, ଜଳବାୟୁ ଅର୍ଥନୀତିରେ ଲଘୁକରଣ ଏବଂ ଅନୁକୂଳନ ଉଭୟ ଅନ୍ତର୍ଭୁକ୍ତ । ନୂଆଦିଲ୍ଲୀରେ ଏକ ବ୍ୟବସାୟୀ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବେରି କହିଛନ୍ତି, ଜଳବାୟୁ ଅର୍ଥନୀତି ସ୍ଥିରତା ଆଣିବାରେ ସହାୟକ ହୋଇପାରିବ।

ଅର୍ଥନୀତି ପୋଷଣ ଜଳବାୟୀ ପରିବର୍ତ୍ତନ ଉପରେ ପର୍ଯ୍ୟବସିତ ଏକ ଅଧିବେଶନରେ ଯୋଗଦେଇ 'ଏକ ରାଷ୍ଟ୍ର : ଏକ ନିର୍ବାଚନ'  କମିଟିର ସଦସ୍ୟ ଏନ୍. କେ. ସିଂହ କହିଥିଲେ, ମିଶ୍ରିତ ଅର୍ଥ କାରବାର ଉପରେ ଆଧାରିତ, ହାଇବ୍ରିଡ୍ ପୁଞ୍ଜିନିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି।

## ଜେ.କେ. - ନବୟୁଗ୍ ଟନେଲ୍

ଜମ୍ମୁ-କଶ୍ମୀରର କାଜୁଗୁଣ୍ଡଠାରେ ନିର୍ମିତ ଜମ୍ମୁ-ଶ୍ରୀନଗର ୪୪ ନମ୍ବର ଜାତୀୟ ରାଜପଥର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ - ଏ.ଆଇ. ଉପରେ ଆଧାରିତ ଫେସିଆଲ୍ ରେକଗ୍ନିସନ୍ ସିଷ୍ଟମ୍ ଆରମ୍ଭ କରାଯାଇଛି। ଆକାଶବାଣୀ ଜମ୍ମୁ ସମ୍ବାଦଦାତା ସୂଚନା ଅନୁସାରେ, ଏ.ଆଇ. ସିଷ୍ଟମ’ ନିଶା ବ୍ୟବସାୟୀ, ଓଭରଗ୍ରାଉଣ୍ଡ କର୍ମକର୍ତ୍ତା, ପଳାତକ ଏବଂ ଅସିଦ୍ଧ ଘୋଷିତ ସଂଗଠନର ସଦସ୍ୟଙ୍କ ସମେତ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବ। ଏ.ଆଇ. ଭିତ୍ତିକ ଚେହେରା ଚିହ୍ନଟ ପ୍ରଣାଳୀ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷା କରିବା ଏବଂ ଅପରାଧର ମୁକାବିଲା କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ବାଂଲାଦେଶ ପି.ଏମ୍. - ଶେଖ୍ ହାସିନା

ବାଂଲାଦେଶରେ ଶାସକ ଦଳ ଆୱାମୀ ଲିଗ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ୪୪ତମ ‘ଘରବାହୁଡ଼ା’ ଦିବସ ପାଳିତ ହୋଇଯାଇଛି। ୧୯୭୫ ମସିହା ଅଗଷ୍ଟ ୧୫ ତାରିଖରେ ଶେଖ୍ ହସିନା ତାଙ୍କ ପିତା ବଙ୍ଗବନ୍ଧୁ ଶେଖ୍ ମୁଜିବୁର୍ ରେହମାନଏବଂ ତାଙ୍କ ପରିବାରର ଅଧିକାଂଶ ସଦସ୍ୟଙ୍କୁ ନିର୍ମମ

ଭାବେ ହତ୍ୟା କରାଯାଇଥିଲା । ପରେ ଭାରତରେ ଦୀର୍ଘ ଦିନର ରହଣୀ ପରେ ୧୯୮୧ ମସିହା ମଇ ୧୭ ତାରିଖରେ ସେ ବାଂଲାଦେଶ ଫେରିଥିଲେ। ଶେଖ୍ ହସିନା ଏବଂ ତାଙ୍କ ସାନ ଭଉଣୀ ଶେଖ୍ ରେହାନା ଏହି ଦୁଃଖଦ ଘଟଣା ଘଟିବା ଦିନ ସେମାନେ ଦେଶ ବାହାରେ ଥିଲେ।

## ଓ.ଏନ୍.ଡି.ଏସ୍. ଷ୍ଟାର୍ଟଅପ୍ ମହୋତ୍ସବ

ନୂଆଦିଲ୍ଲୀରେ ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ଓପନ୍ ନେଟୱ୍ୱାର୍କ ଫର୍ ଡିଜିଟାଲ କମର୍ସ- ଓ.ଏନ୍.ଡି.ସି.ର ମିଳିତ ଆନୁକୂଲ୍ୟରେ ଆଜି ଓ.ଏନ୍.ଡି.ସି. ଷ୍ଟାର୍ଟଅପ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହୋତ୍ସବରେ ହାଇବ୍ରିଡ୍ ଢାଞ୍ଚାରେ ୫ ହଜାରରୁ ଅଧିକ ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିଥିଲେ।

ବିଭାଗୀୟ ସଚିବ ରାଜେଶ କୁମାର ସିଂହ ଷ୍ଟାର୍ଟଅପ୍ ଅଭିବୃଦ୍ଧି ଏବଂ ନବସୃଜନ ପାଇଁ ପରିବେଶ ଉପଯୋଗୀ ପୋଷଣକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

## ଆଇ.ବି. ସେକ୍ରେଟାରୀ - କ୍ୟାନ୍ସ

ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଫ୍ରାନ୍ସରେ ଚାଲିଥିବା ୭୭ତମ କ୍ୟାନ୍ସ ଚଳଚ୍ଚିତ୍ର ମହୋତ୍ସବରେରେ ୫୫ତମ ଭାରତ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇଏଫ୍ଏଫ୍ଆଇର ଆନୁଷ୍ଠାନିକ ପୋଷ୍ଟର ଉନ୍ମୋଚନ କରିଛନ୍ତି। ଗୋଆଠାରେ ଆସନ୍ତା ନଭେମ୍ବର ମାସରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଶ୍ରୀ ଜାଜୁଙ୍କ ସହ ଚଳଚ୍ଚିତ୍ର ନିର୍ମାତା ଅଶୋକ ଅମୃତରାଜ, ରିଚି ମେହେଟ୍ଟା, ଗାୟକ ଶାନ୍, ଅଭିନେତା ରାଜପାଲ ଯାଦବ, ଚଳଚ୍ଚିତ୍ର ଅଭିନେତା ବବି ବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ମହୋତ୍ସବରେ ଭାରତ ପ୍ରଥମ ଥର ପାଇଁ ଭାରତ ପର୍ବ ଆୟୋଜନ କରୁଛି । ଭାରତୀୟ ସଂସ୍କୃତି, ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଓ ସିନେମାକୁ ବିଶ୍ୱ ସ୍ତରରେ ପ୍ରଦର୍ଶିତ କରିଥିବା ଏହି କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।

## ଆଇ.ପି.ଏଲ୍. କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ  ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ

ମୁକାବିଲା ହେବ । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ଲକ୍ଷ୍ନୌ ୧୨ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି। ମୁମ୍ବାଇ ଇଣ୍ଡିଆନ୍ ଟସ୍ ଜିତି ଫିଲ୍ଡିଙ୍ଗ୍ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି ।

*****